## ସଂକ୍ଷେପରେ

### ୪ ଚୋରି ଅଭିଯୁକ୍ତ ଗିରଫ

**କଣିହାଁ, ୨୧।୧୦,(ଡି.ଏନ୍.ଏ.):** ଚୋରି ଅଭିଯୋଗରେ କଣିହାଁ ବ୍ଲକ ସମଲ ଥାନା ପୋଲିସ ଶୁକ୍ରବାର ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଇଆଇସି ଯାଜ୍ଞସେନୀ ପ୍ରଧାନ କହିଛନ୍ତି, ସମଲ ବ୍ୟାରେଜ ବାମପାର୍ଶ୍ୱ କେନାଲର ଡଙ୍ଗରବେଡ଼ା ୨ନଂ. ଗେଟ୍‌ର ମୋଟର ଫାଉଣ୍ଡେଶନ ବିମ୍ ଚୋରି ହୋଇଯାଇଥିବା ନେଇ ଯନ୍ତ୍ରୀ ଇନ୍ଦୁଭୂଷଣ ନାୟକ ଅଭିଯୋଗ କରିଥିଲେ। ଏ ନେଇ ନଂ. ୩୧୪/୨୦୨୨ରେ ଏକ ମାମଲା ରୁଜୁ ହୋଇଥିଲା। ତାଳଚେର ରାଧାରମଣପୁରସ୍ଥିତ କବାଡ଼ିଆ ଦୋକାନୀ ବିମଳ ସାହୁଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଥିଲା। ଗୋଡ଼ିବନ୍ଧ ଅଞ୍ଚଳର ଭାଗୀରଥି ମହାରଣା ତାଙ୍କ ମିନିଟ୍ରକ୍‌ରେ ଉକ୍ତ ଚୋରି ବିମ୍ ଆଣି କବାଡ଼ିଆ ଦୋକାନରେ ବିକ୍ରି କରିଥିବାବେଳେ ଏହାକୁ ସମଲ ଗ୍ରାମର ରବିନାରାୟଣ ସାମଲ, ଦୀନେଶ ସାହୁ ଓ ତାଙ୍କର ସହଯୋଗୀମାନେ ଯୋଗାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ବିମଳ, ଭାଗୀରଥି, ରବିନାରାୟଣ ଏବଂ ଦୀନେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଦୁଇଜଣ ଫେରାର ଥିବା ଆଇଆଇସି ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପରଲୋକ

**ବଣ୍ଟପାଳ, ୨୧।୧୦(ଡି.ଏନ.ଏ.):** ବଣ୍ଟପାଳ ବ୍ଲକ ତୁରଙ୍ଗ ଗ୍ରାମର ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସୁଜନ ନାୟକଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଅନ୍ତିମ ସମୟରେ ତିନି ପୁଅ ଅକ୍ଷୟ କୁମାର ନାୟକ, ବନମାଳୀ ନାୟକ, ସଞ୍ଜୀବ ନାୟକଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଜଣେ ମେଳାପୀ ଏବଂ ମିଷ୍ଟଭାଷୀ ମଣିଷ ଭାବେ ସୁଜନ ପରିଚିତ ଥିଲେ। ତାଙ୍କ ପରଲୋକରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



### ସରପଞ୍ଚଙ୍କୁ ହତ୍ୟା ଧମକ: ଫେରାର ଅଭିଯୁକ୍ତ ଗିରଫ

**ବଲଣ୍ଡା, ୨୧।୧୦(ଡି.ଏନ୍.ଏ.):** କିଶୋରନଗର ଥାନା ପୋଲିସ କିଶୋରନଗର ବଜାରରୁ ଟାପୁରିସିଙ୍ଗା ଗ୍ରାମର ବୀରକିଶୋର ପ୍ରଧାନ ନାମକ ଜଣେ ଫେରାର ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ପୋଲିସ କହିଛି, ଗତ ଅଗଷ୍ଟ ୨୨ରେ କିଶୋରନଗରରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ହଣ୍ଡପା ସରପଞ୍ଚ ରଶ୍ମିତା ପ୍ରଧାନ ଯୋଗଦେଇଥିଲେ। ଏହି ସମୟରେ ବୀରକିଶୋର ତାଙ୍କଠାରୁ ୩୦୦ ଟଙ୍କା ଚାନ୍ଦା ଦାବି କରିଥିଲେ। ଏଥିରେ ଅରାଜି ହେବାରୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏ ନେଇ ରଶ୍ମିତା ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗୁରୁବାର କିଶୋରନଗର ଅଞ୍ଚଳରେ ବୀରକିଶୋର ବୁଲୁଥିବା ସୂଚନା ପାଇ ଆଇଆଇସି ଲବ ବୋଡ଼ା ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ।

# ଜିଲା ଚିକିତ୍ସାଳୟରେ ଚଢ଼ାଉ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ ଏବଂ ଏସ୍‌ପି ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କୁ ସୁବିଧା ଅସୁବିଧା ପଚାରୁଛନ୍ତି।

**୧୫ ଦିନରେ ଅଟୋ ଆନାଲାଇଜର କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ**

**ଢେଙ୍କାନାଳ ଅଫିସ, ୨୧।୧୦**

ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଶୁକ୍ରବାର ଅପରାହ୍ନରେ ଅଚାନକ ଜିଲା ଚିକିତ୍ସାଳୟରେ ଚଢ଼ାଉ କରିଛନ୍ତି। ବିଭିନ୍ନ ରୋଗ ପରୀକ୍ଷା ପାଇଁ ଉଦ୍ଦିଷ୍ଟ ଅଟୋ ଆନାଲାଇଜ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଥିବା ବେଳେ ଏହାକୁ ୧୫ଦିନ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅଟୋ ଆନାଲାଇଜର କାମ କରୁ ନ ଥିବାରୁ ରୋଗୀମାନେ ଘରୋଇ ପାଥୋଲାବ ଏବଂ ଆବଶ୍ୟକସ୍ଥଳେ କଟକ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଅଟୋ ଆନାଲାଇଜର ପ୍ରକୋଷ୍ଠ ବୁଲି ଦେଖିବା ବେଳେ ଏହାକୁ ନେଇ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉଭୟ ଅଧିକାରୀ ସ୍ତ୍ରୀ ଓ ପ୍ରସୂତି ବିଭାଗ, ମହିଳା ଓ ପୁରୁଷ ମେଡିସିନ ୱାର୍ଡ, ଆଉଟ୍‌ଡୋର, ରଞ୍ଜନରଶ୍ମି ବିଭାଗ ଲାବୋରେଟୋରି ପ୍ରକୋଷ୍ଠ ପରିଦର୍ଶନ କରିବା ସହ ମିଳୁଥିବା ଚିକିତ୍ସା ସୁବିଧା, କର୍ମଚାରୀଙ୍କ ବ୍ୟବହାର ସମ୍ପର୍କରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ। ଡାକ୍ତର, ନର୍ସ ଏବଂ କର୍ମଚାରୀ ନିୟମିତ ଆସୁଛନ୍ତି କି ନାହିଁ, ତାହା ଯାଞ୍ଚ କରିଥିଲେ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପରାମର୍ଶ ଦେଇଥିଲେ। ଚିକିତ୍ସାଳୟ ସମ୍ମୁଖରେ ବେଆଇନ ପାର୍କିଂକୁ ନିୟନ୍ତ୍ରଣ କରିବା, ସ୍ୱାସ୍ଥ୍ୟକେନ୍ଦ୍ରକୁ ଦଲାଲମୁକ୍ତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଜିଲା ଚିକିତ୍ସାଳୟ ପରିଦର୍ଶନ କରିଥିଲୁ। ଦୈନିକ ଜିଲା ଚିକିତ୍ସାଳୟ ବୁଲି ଦେଖିବା ପାଇଁ ସିଡିଏମ୍‌ଓଙ୍କୁ କୁହାଯାଇଛି।



ଉଦ୍ଧାର ଝିଙ୍କ।

## କେନାଲରୁ କ୍ଷତାକ୍ତ ଝିଙ୍କ ଉଦ୍ଧାର

**ଭୁବନ, ୨୧।୧୦(ଡି.ଏନ୍.ଏ.)**

ଭୁବନ ଥାନା ନିକଟରେ ପ୍ରବାହିତ ରେଙ୍ଗାଲି ବାମ କେନାଲ ଶାଖାରୁ ଏକ କ୍ଷତାକ୍ତ ଝିଙ୍କକୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଭାରତୀ ପାହାଡ଼ରୁ ଉକ୍ତ ଝିଙ୍କ ଚାଲି ଆସିଥିବା ଅନୁମାନ କରାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଗୁରୁବାର ରାତିରେ ଏକ ବାଇକ୍ ସହ ଝିଙ୍କର ଧକ୍କା ହୋଇଥିଲା। ଶୁକ୍ରବାର ସକାଳେ ବିଲକୁ କାମ କରିବାକୁ ଯାଇଥିବା କେତେଜଣ ଲୋକ କେନାଲରେ ଫସିଥିବା ଉକ୍ତ କ୍ଷତାକ୍ତ ଝିଙ୍କକୁ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ରେଞ୍ଜର ଅନିତା ସେଠୀଙ୍କ ନିର୍ଦ୍ଦେଶରେ ଫରେଷ୍ଟର କବିତା ବିଶ୍ୱାଳ, ଫରେଷ୍ଟଗାର୍ଡ ସନ୍ତୋଷ ବେହେରା ପହଞ୍ଚି ଏହାକୁ ଉଦ୍ଧାର କରିଥିଲେ। ଭୁବନ ପ୍ରାଣୀଧନ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଏହାକୁ କପିଳାସ ଜୁ'ରେ ଛଡ଼ାଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଚାର୍ଜ କରି ଶିକାର କଲେ କାର୍ଯ୍ୟାନୁଷ୍ଠାନ

**ଢେଙ୍କାନାଳ ଅଫିସ, ୨୧।୧୦**

- ସମନ୍ୱୟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି
- ବେଆଇନ ହୁକିଂ କରି ଧରାପଡ଼ିଲେ କଡ଼ା ପଦକ୍ଷେପ
- ହାତୀ ଗତିବିଧି ସମ୍ପର୍କରେ ସୂଚନା ଦେବାକୁ ପରାମର୍ଶ

ଢେଙ୍କାନାଳ ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ ମଧ୍ୟରେ ଏକ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍ ଚାର୍ଜ କରି ବନ୍ୟଜନ୍ତୁ ଶିକାର କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଥିରେ ନିଷ୍ପତ୍ତି ହୋଇଛି।

ଢେଙ୍କାନାଳ ବିଦ୍ୟୁତ୍ ଡିଭିଜନ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ବେଣୁଧର ଦାସ ଅଧ୍ୟକ୍ଷତା କରିଥିଲେ। ହିନ୍ଦୋଳ, ଢେଙ୍କାନାଳ, କାମାକ୍ଷାନଗର ଓ ଗଁଦିଆ ରେଞ୍ଜ୍‌ରେ ହାତୀ ଉପଦ୍ରବ ବଢୁଛି। ଭବିଷ୍ୟତରେ ଯେପରି କୌଣସି ଅଘଟଣ ନ ଘଟେ ସେଥିଲାଗି ପଦକ୍ଷେପ ନେବାକୁ ବିସ୍ତୃତ ଆଲୋଚନା କରାଯାଇଥିଲା। ବନ ଅଧିକାରୀ ଓ କର୍ମଚାରୀ ହାତୀପଲ ଗତିବିଧି ଉପରେ ନଜର ରଖିବା ଏବଂ ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ଅବଗତ କରିବାକୁ କୁହାଯାଇଛି। ଶିକାର କିମ୍ବା ଫସଲ ସୁରକ୍ଷା ଲାଗି ବେଆଇନ ଭାବେ ହୁକିଂ କରି ଧରାପଡ଼ିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି କାମାକ୍ଷାନଗର, ମଠକରଗୋଳା, ହିନ୍ଦୋଳ, ଖଜୁରିଆକଟା, ଭାପୁର, ଗୋବିନ୍ଦପୁର, ଗଁଦିଆ, ଯୋରନ୍ଦା, ନିହଲପ୍ରସାଦ ଅଞ୍ଚଳରେ ଏଲ୍‌ଇଡି ସେଫ୍ଟି ଭ୍ୟାନ୍ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ବିଦ୍ୟୁତ୍ ତାର ବିଛାଇ ଶିକାରଠାରୁ ଦୂରେଇ ରହିବାକୁ କୁହାଯାଇଛି। ଏଭଳି କାର୍ଯ୍ୟ କରୁଥିବା ଜଣାପଡ଼ିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଯାଉଥିବା ସୂଚନା ଦିଆଯାଇଛି। ବୈଠକରେ ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ବେଣୁଧର ଦାସ, ସହକାରୀ ଯନ୍ତ୍ରୀ ନୀଳକାନ୍ତ ସାହୁ, କାମାକ୍ଷାନଗର ସହକାରୀ ଯନ୍ତ୍ରୀ ବବୁଲ ମହାରଣା, ହିନ୍ଦୋଳ ରୋଡ୍ ସହକାରୀଯନ୍ତ୍ରୀ ସୂର୍ଯ୍ୟ କୁମାର ସାମନ୍ତରାୟ, ଗଁଦିଆ ସହକାରୀ ଯନ୍ତ୍ରୀ ଚନ୍ଦ୍ରକାନ୍ତ ବିଶ୍ୱାଳଙ୍କ ସମେତ ଢେଙ୍କାନାଳ ଏବଂ ଷଡ଼ଙ୍ଗୀ ରେଞ୍ଜ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ।

# କାଜୁ ଆତ୍ମସାତ୍ ଅଭିଯୋଗ



ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ବ୍ରାହ୍ମଣବାଟି ଗ୍ରାମବାସୀ।

**ଢେଙ୍କାନାଳ ଅଫିସ, ୨୧।୧୦**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଣ୍ଡବନ୍ଧ ପଞ୍ଚାୟତ ବ୍ରାହ୍ମଣବାଟିର ଏକ କୁଦଜମିରେ ଗ୍ରାମବାସୀ କରିଥିବା କାଜୁ ଫସଲକୁ କେତେଜଣ ମୁଷ୍ଟିମେୟ ଲୋକ ଆତ୍ମସାତ୍ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଅଞ୍ଚଳବାସୀ ଶୁକ୍ରବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମର ଏକ ଅନାବାଦୀ କୁଦ ଜମିରେ ୧୫୨ ପରିବାର ସଦସ୍ୟ ମିଳିତ ଭାବେ କାଜୁ ଗଛ ଲଗାଇଥିଲେ। ଉତ୍ପାଦିତ କାଜୁ ସମସ୍ତଙ୍କ ମଧ୍ୟରେ ସମାନ ଭାବେ ଭାଗବାଣ୍ଟି ନେବାକୁ ନିଷ୍ପତ୍ତି ହୋଇଥିଲା। ୩୦ ଜଣଙ୍କ ନାମରେ ଖଜଣା କଟାଯାଇ ସରକାରଙ୍କୁ ପ୍ରଦାନ ମଧ୍ୟ କରାଯାଉଛି। ୫ବର୍ଷ ତଳେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ସେଠାର କାଜୁ ଚାରାରୋପଣ କରାଯାଇଥିଲା। ୨୦୨୨-୨୩ ବର୍ଷରେ କାଜୁ ଫଳିବା ପରେ ଖଜଣା ଦେଉଥିବା ୩୦ଜଣଙ୍କ ନାମରେ କେତେଜଣ ମୁଷ୍ଟିମେୟ ଲୋକ ତଥା ଅଣ ଗ୍ରାମବାସୀ କାଜୁ ନିଲାମ ନେଇ ଆତ୍ମସାତ୍ କରୁଥିବା ଗ୍ରାମବାସୀ କହିଛନ୍ତି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରିବା ସହ କଟାଯାଇଥିବା ପାଉତିକୁ ଖାରଜ କରି ନ୍ୟାୟ ପ୍ରଦାନ କରିବା ପାଇଁ ସେମାନେ ଉପଜିଲାପାଳ ଏବଂ ଗଁଦିଆ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଏ ସଂକ୍ରାନ୍ତରେ ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ କୁହନ୍ତି, ଖଣ୍ଡବନ୍ଧ ପଞ୍ଚାୟତର କେତେଜଣ ଲୋକ ଆସିଥିଲେ। ଉକ୍ତ ଅଞ୍ଚଳରେ ଏକ ସରକାରୀ ବାଲିଚର କୁଦ ଜମି ରହିଛି, ଯେଉଠି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କାଜୁ ଗଛ ଲଗାଯାଇଛି। ଏହି ଜମିକୁ ଲିଜ୍ ଦିଆଯାଇନାହିଁ। ଜାଗାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଆମେ ଉଭୟ ପକ୍ଷଙ୍କୁ ଡାକିଛୁ। ସେମାନଙ୍କ ଅଭିଯୋଗ ଶୁଣିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଗଡ଼ଜାତ ଗାନ୍ଧୀ ସାରଙ୍ଗଧରଙ୍କ ଜୟନ୍ତୀ

**ଅନୁଗୋଳ ଅଫିସ, ୨୧।୧୦**

ଅନୁଗୋଳ ବାଜି ରାଉତ ଛାତ୍ରାବାସ ଶାନ୍ତି ମନ୍ଦିର ମଧ୍ୟରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଶିଷ୍ଟ ଗାନ୍ଧିବାଦୀ କୃଷ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉତ୍କଳ ସମ୍ମିଳନୀ ଅନୁଗୋଳର ସମ୍ପାଦକ ଧନେଶ୍ୱର ସାହୁ, ଅଧ୍ୟାପକ ପ୍ରସନ୍ନ କୁମାର ଦାସ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ନାୟକ, ଶଙ୍କର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଯେ, ସାରଙ୍ଗଧର ଆମେରିକାରୁ ବୈଜ୍ଞାନିକ ଚାକିରି ଛାଡ଼ି ଢେଙ୍କାନାଳ ଗଡ଼ଜାତରେ ଚିନି କାରଖାନା ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ତତ୍କାଳୀନ ରାଜୁଡ଼ା ଶାସନ ତାଙ୍କୁ ଏହା କରାଇ ଦେଇ ନ ଥିଲା। ଫଳରେ ସାରଙ୍ଗଧର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନର ସୂତ୍ରପାତ କରିଥିଲେ। ପରେ ବାଜି ରାଉତ ଛାତ୍ରାବାସ ଓ ନବଜୀବନ ମଣ୍ଡଳ ପ୍ରତିଷ୍ଠାରେ ସହଯୋଗ କରିଥିଲେ। ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଓ ଶିକ୍ଷୟିତ୍ରୀ ସୁଜାତା ପ୍ରୀତିନନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ସ୍ୱାଇଁ, ଶଶାଙ୍କ ଶେଖର ବାରିକ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, କ୍ଷୀରୋଦ ବିଶ୍ୱାଳ, ପ୍ରତିମା ନାୟକ, ଶିବାନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ବିଧାୟକ ସୁଧୀର କୁମାର ସାମଲଙ୍କ ସମେତ ଅନ୍ୟ ସମର୍ଥକମାନେ।

**ଢେଙ୍କାନାଳ ଅଫିସ, ୨୧।୧୦**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଁଶିଆ ପଞ୍ଚାୟତରେ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱରେ ବିଜେଡି ନେତୃବୃନ୍ଦ ଘର ଘର ବୁଲି ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ବିଧାୟକଙ୍କ ପ୍ରତିନିଧି ନିରାକାର ସାହୁ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାପତି ରୁବି ବିଶ୍ୱାଳ, ଗଁଦିଆ ବ୍ଲକ ଯୁବ ବିଜେଡି ସଭାପତି ପ୍ରଦୀପ ରାଉତ, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ରଞ୍ଜନ ନାୟକଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ।

ଏ ସଂକ୍ରାନ୍ତରେ ବିଧାୟକ କୁହନ୍ତି, ସେବା ମନୋଭାବ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଗାଁକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ନଭେମ୍ବର ୨ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହେଉଛି। ଶୁକ୍ରବାର ଗଁଦିଆ ବ୍ଲକର ଯୋରନ୍ଦା, ନାଟିମା, ବାଇଁଶିଆ ପଞ୍ଚାୟତରେ ପ୍ରାୟ ୧୦ କି.ମି. ପଦଯାତ୍ରା କରାଯାଇଛି। ସ୍ୱଚ୍ଛତା ବଜାୟ ରଖିବା, ଚାରାରୋପଣ, ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାର ଲାଭ ପାଉଛନ୍ତି କି ନାହିଁ, ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ଲୋକମାନେ ଆଗ୍ରହରେ ପଦଯାତ୍ରାରେ ସାମିଲ ହେଉଛନ୍ତି।

## ପଥର ମାଡ଼ କରିଥିବା ମହିଳା ଗିରଫ

**ଢେଙ୍କାନାଳ ଅଫିସ, ୨୧।୧୦**

- ପୂଜା ପ୍ରତିଷ୍ଠାନ ମଧ୍ୟରେ ବିବାଦ ମାମଲା
- ନ୍ୟାୟ ଦାବି କଲେ କଣ୍ଟାନାଳି ଛକବାସୀ

ଢେଙ୍କାନାଳ ଲକ୍ଷ୍ମୀପୂଜା ଭସାଣି ଶୋଭାଯାତ୍ରାରେ ବନମାଳୀପ୍ରସାଦ ଏବଂ କଣ୍ଟାନାଳୀ ବାଇପାସ୍ ଛକ ପୂଜା ପ୍ରତିଷ୍ଠାନ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ମାମଲାରେ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ସମ୍ପୃକ୍ତା ମହିଳାଙ୍କ ପଥର ମାଡ଼ରେ ଜଣେ ହୋମ୍‌ଗାର୍ଡ ଗୁରୁତର ହୋଇଥିବା ପୋଲିସ କହିଛି।

ଅନ୍ୟପଟେ ବିବାଦକୁ ନେଇ ହୋଇଥିବା ପଥରମାଡ଼ରେ କଣ୍ଟାନାଳି ପୂଜା ପ୍ରତିଷ୍ଠାନର ମେଢ଼, ବାଜା କ୍ଷତିଗ୍ରସ୍ତ ହେବା ସହ ୪ଜଣ ଆହତ ହୋଇଥିଲେ। ଏ ସମ୍ପର୍କରେ ଟାଉନ ଥାନାରେ ଅଭିଯୋଗ ହୋଇଛି। ତେବେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ପାତରଅନ୍ତର ନ କରି ପଦକ୍ଷେପ ନେବାକୁ କୁନି ପଧାନ, ତୁଳସୀ ଦେହୁରୀ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ କୁହନ୍ତି, ଗିରଫ ମହିଳାଙ୍କ ପଥର ମାଡ଼ରେ ଜଣେ ହୋମଗାର୍ଡଙ୍କ ଦାନ୍ତ ଭାଙ୍ଗିଯାଇଛି। କଣ୍ଟାନାଳି ଛକ ପୂଜା ପ୍ରତିଷ୍ଠାନ ଉପରକୁ ଆକ୍ରମଣ କରିଥିବା ବନମାଳି ପ୍ରସାଦ ଅଞ୍ଚଳର ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ ଜାରିରହିଛି।



ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା କଣ୍ଟାନାଳି ବାଇପାସ ଅଞ୍ଚଳବାସୀ।

## ବାଣ ବିସ୍ଫୋରଣରେ ଜଣଙ୍କ ମୃତ୍ୟୁ ଚର୍ଚ୍ଚା

**ଖମାର, ୨୧।୧୦ (ଡି.ଏନ.ଏ.)**

**ଘଟଣା ଲୁଚାଇବାକୁ ପୋଲିସର ପ୍ରୟାସ**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ଇଞ୍ଜିଡ଼ ପଞ୍ଚାୟତସ୍ଥିତ ସାଆନ୍ଦା ଗ୍ରାମରେ ଶୁକ୍ରବାର ସକାଳେ ବାଣ ତିଆରିବେଳେ ବିସ୍ଫୋରଣ ଘଟି ଜଣେ କାରିଗରଙ୍କ ମୃତ୍ୟୁ ଓ ୩ ଜଣ ଗୁରୁତର ହୋଇଥିବା ଚର୍ଚ୍ଚା ହେଉଛି। ଏପରିକି ମୃତାହତ ଓ ଘଟଣାସ୍ଥଳର ଫଟୋ ସୋସିଆଲ୍ ମିଡିଆରେ ଘୂରି ବୁଲୁଛି। ତେବେ ମୃତାହତଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ଘଟଣାସ୍ଥଳକୁ ଯାଇଥିଲେ ମଧ୍ୟ ଏ ନେଇ କୌଣସି ସୂଚନା ଦେଉନାହିଁ। ଘଟଣା ସମ୍ପର୍କରେ ତଥ୍ୟ ଦେଉ ନ ଥିବାରୁ ପୋଲିସ ଏହାକୁ ଲୁଚାଇବାକୁ ପ୍ରୟାସ କରୁଥିବା ସାଧାରଣରେ ଆଲୋଚନା ହେଉଛି।

ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ସକାଳ ୮ଟାରେ ଗାଁର ଜଣେ ବ୍ୟକ୍ତି ନିଜ ଘରେ ଦୀପାବଳିରେ ବ୍ୟବସାୟ ପାଇଁ ବାଣ ପ୍ରସ୍ତୁତ କରୁଥିଲେ। ତାଙ୍କ ସହ ଅନ୍ୟ ୩ଜଣ ମଧ୍ୟ ବାଣ ଭିଡୁଥିଲେ। ହେଲେ କୌଣସି କାରଣରୁ ବାଣ ବିସ୍ଫୋରଣ ହେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ୩ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଖମାର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଗୁରୁତରଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇ ଦିଆଯାଇଥିଲା। ଖବରପାଇ ଅପରାହ୍ନ ୩ଟା ବେଳେ ଖମାର ପୋଲିସ ଗାଁରେ ପହଞ୍ଚିଥିଲା। ହେଲେ ତଦନ୍ତ ସମ୍ପର୍କରେ କୌଣସି ସୂଚନା ଥାନାରୁ ମିଳିପାରୁ ନାହିଁ। ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀ କହିଛନ୍ତି, ଘଣାସ୍ଥଳକୁ ଯାଇଥିଲେ ବି ମୃତ କି ଆହତ, କାହାକୁ ମଧ୍ୟ ଠାବ କରାଯାଇପାରି ନାହିଁ।

## ଲୋକଙ୍କ ସମସ୍ୟା ନେଇ ଆନ୍ଦୋଳନ ନିଷ୍ପତ୍ତି

**ତାଳଚେର, ୨୧।୧୦ (ନି.ପ୍ର.)**

ତାଳଚେର ଭାଜପା ପୌର ମଣ୍ଡଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦେଉଳବେଡାଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସତ୍ୟବନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୌରମଣ୍ଡଳର ତୃଣମୂଳ ସ୍ତରର ସମସ୍ୟାକୁ ନେଇ ପ୍ରଶାସନ ପାଖରେ ପହଞ୍ଚିବା ସହ ଦରକାର ହେଲେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଜିଲା ଭାଜପା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ରତ୍ନାକର ସାହୁ, ପୌର ମଣ୍ଡଳ ପ୍ରଭାରୀ ପୁଲିନ ବିହାରୀ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପୌର ମଣ୍ଡଳର ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତା, ଶକ୍ତିକେନ୍ଦ୍ର ପ୍ରମୁଖ ଓ ପ୍ରଭାରୀ ଉପସ୍ଥିତ ଥିଲେ।

**ଯୁବକଙ୍କୁ ଗଛରେ ପିଟି ମାରିଲା ଦନ୍ତା**

**ସାତମାଇଲ:** ହିନ୍ଦୋଳ ବ୍ଲକ ବାଲିମି ଥାନା କଡଲା ଗ୍ରାମର ସନ୍ତୋଷ ପ୍ରଧାନ (୪୭)ଙ୍କ ଶୁକ୍ରବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସନ୍ତୋଷ ଏବଂ ଅନ୍ୟ ୨ ଜଣ ପୁରୁଣାସାହିରୁ କଂସରକୁଟୁ ସାହିକୁ ଯାଉଥିବା ବେଳେ ଏକ ଦନ୍ତା ହାତୀ ସନ୍ତୋଷଙ୍କୁ ଟେକିନେଇ ତାଳ ଗଛରେ ପିଟି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ପରେ ଉତ୍ତେଜନା ଦେଖାଦେଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ିଥିଲେ।

## ସଂକ୍ଷେପରେ

### ଶୀଘ୍ର ତାଳଚେର ସହରର ସୌନ୍ଦର୍ଯ୍ୟକରଣ

ତାଳଚେର, ୨୧ା୧୦ (ନି.ପ୍ର.)- ତାଳଚେର ପୌର ପରିଷଦର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପବିତ୍ର ଭୂତିଆ ଏଥିରେ ଅଧକ୍ଷତା କରିଥିଲେ। ସହରର ବିକାଶ ତଥା ସୌନ୍ଦର୍ଯ୍ୟକରଣ ପାଇଁ କାର୍ଯ୍ୟ କରିବା, ପୌରାଞ୍ଚଳରେ ସଦୃଢ଼ ପରିମଳ ବ୍ୟବସ୍ଥା, ଡ୍ରେନ ଓ ରାସ୍ତା ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବିଶେଷକରି ପୌରାଞ୍ଚଳରେ ଏକ ମଲ୍ ସ୍ଥାପନ, ସହରର ମୁଖଶାଳା ଫାଷ୍ଟ ଗେଟର ସୌନ୍ଦର୍ଯ୍ୟକରଣ, ଘୋଡାଶାଳ ଗେଟ ମରାମତି, ନୂତନ ଟାଉନହଲ, ହାଟତୋଟା ପ୍ରଜାମଣ୍ଡଳ ଭବନ ନିର୍ମାଣ, ଯୋଜାଙ୍ଗି ପୋଖରୀ ଚତୁଃପାର୍ଶ୍ୱରେ ପାର୍କ, ସହରରେ ଥିବା ସରକାରୀ କୂଅ ଉପରେ ଗ୍ରୀଲ, ମ୍ୟୁନିସିପାଲିଟି ଦୋକାନ ଗୁଡିକ ଗ୍ରିଡିଙ୍ଗ ଓ ମରାମତି ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଅହେତୁକ ବର୍ଦ୍ଧିତ ହୋଲଡିଂ ଟ୍ୟାକ୍ସକୁ କମାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ପ୍ରତିନିଧି ଅରବିନ୍ଦ ବାରିକ, ସମସ୍ତ ୨୧ଟି ୱାର୍ଡର କାଉନସିଲର, ନୂତନ ନିର୍ବାହୀ ଅଧିକାରୀ ଚିନ୍ମୟୀ ଚେତନା ଦାସ, ପୌରଯନ୍ତ୍ରୀ ଜୟନ୍ତ ପରିଡ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ବ୍ୟବସାୟୀଙ୍କ ପରଲୋକ



ବଇଣ୍ଡା,୨୧ା୧୦ (ଡି.ଏନ.ଏ)- କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ବ୍ୟବସାୟୀ ପ୍ରଶାନ୍ତ କୁମାର ସାହୁଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ବଇଣ୍ଡାସ୍ଥିତ ବାସଭବନଠାରେ ଥିବାବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ମରଶରୀର ବଇଣ୍ଡାଠାରେ ପହଞ୍ଚିବା ପରେ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଆଣିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଶେଷ ଦର୍ଶନ କରିବା ପରେ ଆନନ୍ଦମୁଣ୍ଡା ଗ୍ରାମ ଶ୍ମଶାନରେ ଶବ ଦାହ କରାଯାଇଥିଲା। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରା, ରମେଶ ଚନ୍ଦ୍ର ଟିବ୍ରୱାଲା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ପତିଆରା ଦେଖାଇଲେ ପ୍ରଭାବଶାଳୀ

**ଅନୁଗୋଳ ଅଫିସ, ୨୧ା୧୦**

ଅନୁଗୋଳ ସହରରେ ବାଣ ଦୋକାନ ଖୋଲିବା ପାଇଁ ପ୍ରଶାସନ ଲାଇସେନ୍ସ ଦେବାକୁ ସଜବାଜ ହେଉଥିବା ବେଳେ କେତେଜଣ ପ୍ରଭାବଶାଳୀ ବ୍ୟବସାୟୀ ସେମାନଙ୍କ ପତିଆରା ଜାହିର କରୁଥିବା ଦୁଇଦିନ ହେଲା ଦେଖିବାକୁ ମିଳିଛି। ଲଟେରି ମାଧ୍ୟମରେ ଲାଇସେନ୍ସ ଆବଣ୍ଟନ ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶ ଥିଲେ ମଧ୍ୟ ଏହି ପ୍ରଭାବଶାଳୀ ବ୍ୟବସାୟୀମାନେ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ଦୋକାନ ହାତେଇ ନେବାକୁ ଉଦ୍ୟମ ଚଳାଇଛନ୍ତି। ଏପରିକି ଅନ୍ୟ ବ୍ୟବସାୟୀମାନଙ୍କୁ ଭୟଭୀତ କରାଇ ସେମାନଙ୍କଠାରୁ ଦସ୍ତଖତ କରାଇ ନେଇଥିବା କୁହାଯାଉଛି।

ଅନୁଗୋଳ ସହରରେ ମୋଟ ୬୮ ଜଣ ବ୍ୟବସାୟୀ ବାଣ ଦୋକାନ ନିମନ୍ତେ ଲାଇସେନ୍ସ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୬୪ ଜଣ ବାଣ ଦୋକାନ କରିବାକୁ ବିଭିନ୍ନ ସରକାରୀ ଦପ୍ତରରେ ଟଙ୍କା ଜମା କରିଥିଲେ। ପୂର୍ବରୁ ବାଣ ବ୍ୟବସାୟୀମାନେ ଷ୍ଟାଡିୟମରେ ଥିବା ଅନୁଗୋଳ ହାଇସ୍କୁଲ ପଡ଼ିଆରେ ବ୍ୟବସାୟ କରିଥାନ୍ତି। ଏହି ପଡ଼ିଆରେ ତିନି ଥାକିଆ ଟେଣ୍ଟ କରାଯାଇ ବ୍ୟବସାୟ କରାଯାଇଥାଏ। କିନ୍ତୁ ଚଳିତବର୍ଷ ଉକ୍ତ ପଡ଼ିଆକୁ ଅନ୍ୟ ଜଣେ ବ୍ୟବସାୟୀ ବୁକ୍ କରିଥିଲେ। ତେଣୁ ଅନୁଗୋଳ ତହସିଲ କାର୍ଯ୍ୟାଳୟ ପକ୍ଷରୁ ହାଇସ୍କୁଲ ପଡ଼ିଆ ସମ୍ମୁଖରେ ଥିବା ସରକାରୀ ପ୍ଲଟ ନଂ-୫୫୪/୧୦୧୪ରେ ବାଣ ବ୍ୟବସାୟ ହେବ ବୋଲି ଅନୁମତି ପ୍ରଦାନ କରାଯାଇଥିଲା। ହେଲେ ଏହି ଅନୁମତି ମିଳିବା ପରେ କେତେଜଣ ପ୍ରଭାବଶାଳୀ ବାଣ ବ୍ୟବସାୟୀ ପୈତୃକ ସମ୍ପତ୍ତି ଭଳି ଷ୍ଟଲ ଭାଗବାଣ୍ଟ କରିଦେଲେ। ଏହାକୁ ନେଇ ଗୁରୁବାର ରାତିରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଏହାପରେ ପ୍ରଶାସନ ଲଟେରି ମାଧ୍ୟମରେ ଦୋକାନ ଆବଣ୍ଟନ କରିବ ବୋଲି ନିଷ୍ପତ୍ତି ନେଇଥିଲା। ଶୁକ୍ରବାର ସକାଳେ ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା, ଉପଜିଲାପାଳ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର(ଜୁଡିସିଆଲ) ବବିତା ମିଶ୍ର, ଜୁଡିସିଆଲ ସିନିୟର ଆସିଷ୍ଟାଣ୍ଟ ଅସିତ୍ କୁମାର ନାହାକ, ସଦର ଆରଆଇ ସୁବ୍ରତ ସତ୍ୟବ୍ରତ ଅନୁଗୋଳ ଷ୍ଟାଡିୟମରେ ପହଞ୍ଚିଥିଲେ। କିନ୍ତୁ ସମ୍ପୃକ୍ତ ପ୍ରଭାବଶାଳୀ ବ୍ୟବସାୟୀମାନେ ଲଟେରି ପାଇଁ ରାଜି ନ ହୋଇ ଯେଉଁଠି ଚାହିଁବୁ, ସେଠାରେ ବ୍ୟବସାୟ କରିବୁ ବୋଲି କହିଥିଲେ। ଏହାକୁ ଅନ୍ୟ ବାଣ ବ୍ୟବସାୟୀମାନେ ବିରୋଧ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ତହସିଲଦାରଙ୍କୁ ଡାକରା ଆସିଥିଲା। ସେଠାରେ ତହସିଲଦାର ଲଟେରି ହେବ ନାହିଁ ବୋଲି କହିଥିଲେ। କିନ୍ତୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ବଇତ୍ତୁରା ଦୀପ ଲଟେରି ମାଧ୍ୟମରେ ବାଣ ଦୋକାନ ଆବଣ୍ଟନ କରିବାକୁ କହିଥିଲେ। ତଥାପି ଉକ୍ତ ନିର୍ଦ୍ଦେଶନାମା ପାଳନ ହେଲାନାହିଁ। ପ୍ରଭାବଶାଳୀ ବାଣ ବ୍ୟବସାୟୀମାନେ ଅନ୍ୟମାନଙ୍କୁ ନାଲି ଆଖି ଦେଖାଇ ଦସ୍ତଖତ ନେଇଗଲେ। ଏ ନେଇ କେତେଜଣ ବାଣ ବ୍ୟବସାୟୀ ଅଭିଯୋଗ କରିଛନ୍ତି ଯେ, ପ୍ରଭାବଶାଳୀ ବ୍ୟବସାୟୀମାନେ ତହସିଲଦାରଙ୍କୁ ହାତଗୁଞ୍ଜା ଦେଇ ଜାଗା ହାତେଇ ନେଇଛନ୍ତି। କିନ୍ତୁ ଏପରି ଅଭିଯୋଗକୁ ତହସିଲଦାର ବିମଳ କୁମାର ଲେଙ୍କା ଖଣ୍ଡନ କରିଛନ୍ତି। ଏପରି ଅଭିଯୋଗ ଭିତ୍ତିହୀନ ବୋଲି ତହସିଲଦାର କହିଛନ୍ତି। ଘଟଣା ସମ୍ପର୍କରେ ଉପଜିଲାପାଳ ବଇତ୍ତୁରା ଦୀପ କହିଛନ୍ତି, ବାଣ ଦୋକାନ ଲାଇସେନ୍ସ ଏଯାଏ କାହାକୁ ପ୍ରଦାନ କରାଯାଇନାହିଁ।



ବାଣ ଦୋକାନ ଲାଇସେନ୍ସ ପାଇଁ ବ୍ୟବସାୟୀଙ୍କ ଭିଡ଼।

- ହାତଗୁଞ୍ଜା ଦେଇ ବାଣ ଦୋକାନ ହାତେଇବା ଉଦ୍ୟମ
- ନାଲି ଆଖି ଦେଖାଇ ନେଇଗଲେ ଦସ୍ତଖତ
- ଲଟେରି ନ କରି ନୀରବଦ୍ରଷ୍ଟା ସାଜୁଛି ପ୍ରଶାସନ


ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

dklselfie@gmail.com




@ ଚିରଞ୍ଜିତ୍



@ ସୂର୍ଯ୍ୟକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁଲାଡ଼ରେ ମା'ଲକ୍ଷ୍ମୀଙ୍କୁ ବିଦାୟ



**ବଅଁରପାଳ, ୨୧ା୧୦ (ଡି.ଏନ.ଏ.)**

ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଶୁକ୍ରବାର ମା' ମହାଲକ୍ଷ୍ମୀଙ୍କ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ଧୁମ୍‌ଧାମରେ ଆୟୋଜିତ ଏହି ଭସାଣି ଶୋଭାଯାତ୍ରାରେ କୁଲାଡ଼ ଛକ, ବିଗ୍ ପଣ୍ଡ, ବ୍ରାହ୍ମଣୀ ଦେବୀସାହି, ଫ୍ରେଣ୍ଡସ କ୍ଲବ, ସାହାରା କ୍ଲବ, ପ୍ରିନ୍ସ କ୍ଲବ, ବଣିକ ସଂଘ, ବାବାସ କ୍ଲବ ମେଢ଼ ସାମିଲ ହୋଇଥିଲା। ନାଲ୍‌କୋ ମେନଗେଟ୍ ଛକଠାରୁ ପର୍ଯ୍ୟାୟକ୍ରମେ ଶୋଭାଯାତ୍ରା ବାହାରିଥିଲା। ଏଥିରେ ବିଭିନ୍ନ କମିଟି ତରଫରୁ ଭଳିକି ଭଳି ବାଦ୍ୟ, ନୃତ୍ୟ ଦଳକୁ ସାମିଲ କରାଯାଇଥିଲା। କୁଲାଡ଼ ଆଲୁମିନିୟମ ହାଇସ୍କୁଲ କମିଟି ପକ୍ଷରୁ ଆୟୋଜିତ ଅଘୋରି ନୃତ୍ୟ ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ସନ୍ଧ୍ୟା ୮ଟାରେ ଭସାଣି ଶୋଭାଯାତ୍ରା ଶେଷ ହୋଇଥିଲା ଏବଂ ଗ୍ରାମ ପୋଖରୀରେ ମେଢ଼ଗୁଡ଼ିକୁ ବିସର୍ଜନ କରାଯାଇଥିଲା।

# ମନେପଡ଼ିଲେ ଶହୀଦ ପୋଲିସ

**ଢେଙ୍କାନାଳ ଅଫିସ, ୨୧ା୧୦**

ଢେଙ୍କାନାଳ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ରିଜର୍ଭ ପଡ଼ିଆଠାରେ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଯୋଗଦେଇ ୨୬୨ ଶହୀଦଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଭବାନୀ ଶଙ୍କର ଉଦ୍‌ଗାତା ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ସେହିପରି ଓଏସ୍‌ଏପି ଫାଷ୍ଟ ବାଟାଲିୟନ ପରିସରରେ ଅନୁଷ୍ଠିତ ଶହୀଦ ଦିବସରେ ଭାରପ୍ରାପ୍ତ ଦୁର୍ଗପତି ସୁନୀଲ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟର ସମସ୍ତ ଶହୀଦ ପୋଲିସ କର୍ମଚାରୀଙ୍କ ନାମ ପାଠ କରାଯାଇଥିଲା। ପରେଡ କମାଣ୍ଡର ସହକାରୀ ଦୁର୍ଗପତି ରମେଶ ଚନ୍ଦ୍ର ମାହାଲି ଏହାର ପରିଚାଳନା କରିଥିବାବେଳେ ଉପ ଦୁର୍ଗପତି ମନୋଜ କୁମାର ଦାସ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି., ଜିଲାପାଳ ସରୋଜ କୁମାର ସେଠୀ ଶହୀଦ ପୋଲିସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।



ଓଏସ୍‌ଏପି ଫାଷ୍ଟ ବାଟାଲିୟନ ପକ୍ଷରୁ ପୋଲିସ ଶହୀଦ ଦିବସ ପାଳିତ।






# ସିଲ୍ କଲା ପୌର ପ୍ରଶାସନ

**ଅନୁଗୋଳ ଅଫିସ, ୨୧ା୧୦**

ଅନୁଗୋଳ ପୌରପାଳିକା ପକ୍ଷରୁ ଦୋକାନ ଘର ନିର୍ମାଣ କରାଯାଇ ସହରର ବ୍ୟବସାୟୀଙ୍କୁ ଭଡ଼ାରେ ଯୋଗାଇ ଦିଆଯାଇଛି। ହେଲେ କେତେଜଣ ଦୋକାନୀ ଚୁକ୍ତି ଉଲ୍ଲଂଘନ କରି ଉକ୍ତ ଭଡ଼ା ଘରକୁ ଅନ୍ୟକୁ ଭଡ଼ାରେ ଲଗାଇଛନ୍ତି। ଏପରିକି ଜଣେ ଦୋକାନୀ ପୌରପାଳିକାର ଦୋକାନ ଘରକୁ ନିଜର ବୋଲି କହି ବିକି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ୫-ଟି ସଚିବଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ପୌର ପ୍ରଶାସନ ପକ୍ଷରୁ ତନାଘନା ଆରମ୍ଭ ହୋଇଯାଇଛି। ଏ ନେଇ ଶୁକ୍ରବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଅନୁଗୋଳ ପୌର କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏପରିକି ସଞ୍ଜିବନୀ ମାର୍କେଟ୍‌ରେ ଥିବା ୮ନଂ. ଦୋକାନ ଘରକୁ ଶୁକ୍ରବାର ସିଲ୍ କରିଥିବା ଜଣାପଡ଼ିଛି। ଅନୁଗୋଳ ପୌରପାଳିକାର ଟ୍ୟାକ୍ସ ଦାରୋଗା ବିଭୂତି ଭୂଷଣ ମହାରଣା, ପରିମଳ ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ଟ୍ୟାକ୍ସ ବିଭାଗର କର୍ମଚାରୀମାନେ ଉକ୍ତ ଦୋକାନ ଘରକୁ ସିଲ୍ କରି ପୌରପାଳିକା ହାତକୁ ଆଣିଥିବା ଜଣାପଡ଼ିଛି।

**ଭଡ଼ାରେ ନେଇ ଦୋକାନ ବିକ୍ରି ଘଟଣା**



# ଟାଙ୍ଗିରି, ପାଟକମୁଣ୍ଡାରେ ପଦଯାତ୍ରା



**ଛେଣ୍ଡିପଦା,୨୧ା୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଟାଙ୍ଗିରୀ ଓ ପାଟକମୁଣ୍ଡା ପଞ୍ଚାୟତରେ ବିଜେଡି ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅମରେଶ ନାଥଙ୍କ ନେତୃତ୍ୱରେ ହୋଇଯାଇଥିବା ଏହି ପଦଯାତ୍ରାରେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ପରେ ହିଙ୍ଗୁଳା ମଣ୍ଡପଠାରେ ବିଧାୟକ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ବିଧାୟକ ପାଟକମୁଣ୍ଡା ହାଟ ପଡ଼ିଆଠାରେ ପଦଯାତ୍ରା କରିଥିଲେ। ଏହି ପଦଯାତ୍ରାରେ ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ଉପାଧକ୍ଷା ଝରଣା ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ନଗେନ୍ଦ୍ର ପ୍ରଧାନ, ପ୍ରଦୀପ କୁମାର ସାହୁ, ଜିଲା ଯୁବ ବିଜେଡି ଉପସଭାପତି ସତ୍ୟବ୍ରତ ଦେହୁରୀ, ବ୍ଲକ ବିଜେଡି ସଭାପତି ଶରତ ଗଡ଼ନାୟକ, ବ୍ଲକ ଯୁବ ବିଜେଡି ସଭାପତି ଆଶିଷ କୁମାର ପ୍ରଧାନ, ଦୟାନିଧି ସାହୁ, ରାକେଶ କୁମାର ନାଥ, ସର୍ବେଶ୍ୱର ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ଡିଲେଶ୍ୱର ସ୍ୱାଇଁଙ୍କ ସମେତ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ।

# ବେସରକାରୀ ହ୍ୟାଣ୍ଡେଲରେ ପଠାଯାଉଛି ସରକାରୀ ବାର୍ତ୍ତା

**ଅନୁଗୋଳ ଅଫିସ, ୨୧ା୧୦**

ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ ସହଜ ହୋଇଛି ସରକାରୀ କାର୍ଯ୍ୟ। ଏହାଛଡ଼ା ଏହା ବ୍ୟବସ୍ଥା ଓ କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା ରକ୍ଷାରେ ସହାୟକ ହେଉଛି। ବିଶେଷକରି ସୋସିଆଲ ମିଡିଆ ପ୍ଲାଟଫର୍ମ ଯୋଗୁ କ୍ଷଣକ ମଧ୍ୟରେ ସରକାରଙ୍କ ଯୋଜନା ଓ ସୂଚନା ସାର୍ବଜନୀନ ହୋଇପାରୁଛି। ତେଣୁ ଡିଜିଟାଲକୁ ପ୍ରାଧାନ୍ୟ ଦେବାକୁ ସରକାରୀ ନିର୍ଦ୍ଦେଶ ରହିଥିଲେ ବି ଅନୁଗୋଳ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହାକୁ ଗୁରୁତ୍ୱର ସହ ନିଆଯାଇ ନାହିଁ। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ନିୟନ୍ତ୍ରଣାଧୀନ ଏହି କାର୍ଯ୍ୟାଳୟରେ ଅଧିକାଂଶ କାର୍ଯ୍ୟ ଅନ୍‌ଲାଇନରେ ହେଉନାହିଁ। ଏପରିକି କାର୍ଯ୍ୟାଳୟର ନିଜସ୍ୱ ହ୍ୱାଟ୍ସଆପ୍, ଟୁଇଟର ହ୍ୟାଣ୍ଡେଲ ନ ଥିବା ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ମିଳିଛି। କାର୍ଯ୍ୟାଳୟ ପକ୍ଷରୁ ବ୍ୟକ୍ତିଗତ ହ୍ୱାଟ୍ସଆପ୍ ହ୍ୟାଣ୍ଡେଲରେ ସରକାରୀ ସୂଚନା ପଠାଯାଉଥିବାରୁ ଏ ନେଇ ବହୁ ଶିକ୍ଷକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ଜିଲାର ଅନୁସୂଚିତ ଜାତି ଓ ଜନଜାତି ପିଲା ପଢୁଥିବା ଅନେକ ସ୍କୁଲ, ହଷ୍ଟେଲ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ହେଉଛି। ଏସବୁ ସ୍କୁଲରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ପଢ଼ିବା ସହ ହଷ୍ଟେଲରେ ରହୁଛନ୍ତି। ବିଭିନ୍ନ ସମୟରେ ଛୋଟ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟପେୟରେ ସମସ୍ୟା ଦେଖାଦେଉଛି। କିନ୍ତୁ ଆବଶ୍ୟକ ପରିସ୍ଥିତିରେ ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷକମାନେ ଜିଲା କଲ୍ୟାଣ କାର୍ଯ୍ୟାଳୟକୁ ଅବଗତ କରାଇବାରେ ସମର୍ଥ ହୋଇପାରୁ ନାହାନ୍ତି। କାରଣ କାର୍ଯ୍ୟାଳୟର ନିଜସ୍ୱ ହ୍ୱାଟ୍ସଆପ୍ ଓ ଟୁଇଟର ହ୍ୟାଣ୍ଡେଲ ନାହିଁ। ଏପରିକି କାର୍ଯ୍ୟାଳୟ ପକ୍ଷରୁ ଅନେକ ସମୟରେ ଶିକ୍ଷକମାନଙ୍କ ନିକଟକୁ ବ୍ୟକ୍ତିଗତ ନମ୍ବରରେ ଥିବା ହ୍ୱାଟ୍ସଆପ୍‌ରୁ ସୂଚନା ପଠାଯାଉଛି। ଜବାବ ତଲବ ମଧ୍ୟ କରାଯାଉଛି। ଫଳରେ ପ୍ରଧାନଶିକ୍ଷକମାନଙ୍କ ପାଇଁ ଏହା ଅଧିକ ଅସୁବିଧା ସୃଷ୍ଟି କରୁଛି। ବ୍ୟକ୍ତିଗତ ନମ୍ବରରୁ ଏପରି ସୂଚନା ପାଇବା ପରେ ଅଧିକ କିଛି ଜାଣିବାକୁ ସେମାନେ ବାର୍ତ୍ତା ପଠାଇଲେ ତାହାର ଉତ୍ତର ଦିଆଯାଉ ନାହିଁ। ଫୋନ ନମ୍ବରରେ ଯୋଗାଯୋଗ କଲେ କାଟି ଦିଆଯାଉଛି। ଫଳରେ ଜରୁରୀକାଳୀନ ଭାବେ କ୍ଷେତ୍ରସ୍ଥଳରୁ କର୍ମଚାରୀ ବାର୍ତ୍ତା ପ୍ରେରଣ କରିପାରୁ ନାହାନ୍ତି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି କହିଛନ୍ତି, ବିଭାଗର ନିଜସ୍ୱ ଇ-ମେଲ ବ୍ୟବସ୍ଥା ରହିଛି।




**ଅନୁଗୋଳ ଡିଡବ୍ଲ୍ୟୁଓ କାର୍ଯ୍ୟାଳୟର ନାହିଁ ହ୍ୱାଟ୍ସଆପ, ଟୁଇଟର**




